# ୧୪,ମାର୍ଚ୍ଚ - ୨୦୧୪ ଖୁତବଃ ଜୁମାର ସାରାଂଶ

ତଶହହୁଦ୍, ତା'ଉଜ୍ ଏବଂ ସୁରା ଫାତିହା ଆବୃତ୍ତି କରି ସାରି ହଜୁର[ଅବ] କହିଲେ, ପୂର୍ବବର୍ତ୍ତୀ ଜୁମା ମାନଙ୍କରେ ମନୁଷ୍ୟର ଚରିତ୍ରିକ ସଂସ୍କାର କିପରି କରାଯାଇ ପାରିବ, ତାହାର ଉପାୟ ସମ୍ବନ୍ଧରେ କେତେକ ଖୁତବଃ ଦେଇଥିଲି । ହଜରତ ମସିହ ମଉଦ[ଅସ] ଅଲ୍ଲାଃତାଲାଙ୍କର ମହିମାକୁ ଆମ ସମ୍ମୁଖରେ କିପରି ଭାବରେ ବର୍ଣ୍ଣନା କରିଛନ୍ତି, ତାହା ମୁଁ ଉଲ୍ଲେଖ କରିଥିଲି । ସେ ଆମ୍ଭମାନଙ୍କୁ ଈଶ୍ୱର ପ୍ରେମ ଏବଂ ଐଶ୍ୱରିକ ଜ୍ଞାନ କିପରି ଅର୍ଜନ କରାଯାଇ ପାରିବ, ତାହାର ବାଟ ବତାଇଛନ୍ତି । ଅଲ୍ଲାଃଙ୍କର ସାମିପ୍ୟ ଲାଭ କରିବା ପାଇଁ ସେ ଆମର ମାର୍ଗ ଦର୍ଶନ କରିଛନ୍ତି । ତାଙ୍କ ପ୍ରତି କିପରି ସଦ୍ୟ ପ୍ରକଟିତ ବାଣୀ ଅବତୀର୍ଣ୍ଣ ହୋଇଥିଲା, ପୁଣି ସେହି ବାଣୀରେ ଈଶ୍ୱରଙ୍କ ଲୀଳା ଏବଂ ଅଲୌକିକ ନିଦର୍ଶନ କିପରି ପୂରଣ ହୋଇଥିଲା, ତାହା ମଧ୍ୟ ମୁଁ ବୁଝାଇ କହିଥିଲି । ସେଥିପାଇଁ ହଜରତ ମସିହ ମଉଦ[ଅସ]ଙ୍କ ଦିବ୍ୟ କଥନକୁ ପାଠ କରି ଏହି ସବୁ ବିଷୟରେ ଜ୍ଞାନ ଆହରଣ କରିବା ପାଇଁ ଚେଷ୍ଟା କରିବା ଉଚିତ । ଏହି ପ୍ରୟାସ କଲେ ଆମ ବିଶ୍ୱାସ ଓ କର୍ମରେ ଉନ୍ନତି ଆଣି ପାରିବା ।

ସୁତରାଂ ଆଜିର ଖୁତବଃରେ ମୁଁ ହଜରତ ମସିହ ମଉଦ[ଅସ]ଙ୍କ ଲେଖନୀ ଓ ବଚନ ମଧ୍ୟରୁ ଏପରି କେତେକ ଦୃଷ୍ଟାନ୍ତ ରଖିବି, ଯହିଁରେ ତାଙ୍କର ଐଶ୍ୱରିକ ଜ୍ଞାନ ଗାରିମା ବିଷୟରେ କୁହାଯାଇଛି । ଯଦି ଆମେ ଗଭୀର ଭାବେ ଅନୁଧ୍ୟାନ କରିବା, ତା'ହେଲେ କେବଳ ଏହି ଗୋଟିଏ ପ୍ରସଙ୍ଗ ଉପରେ ତାଙ୍କ ଦ୍ୱାରା ରଚିତ ଶହ ଶହ ପୃଷ୍ଠାର ଲେଖା ମିଳିବ । ଆଧ୍ୟାତ୍ମିକ ଜ୍ଞାନ କ'ଣ ? ସେ ସଂବନ୍ଧରେ ନମୁନା ସ୍ୱରୂପ ଅଳ୍ପ କେତେକ ଉଦ୍ଧୃତାଂଶ ଆପଣମାନଙ୍କୁ ଶୁଣାଇବି ।

ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ଉପାୟ କ'ଣ, ସେ ବିଷୟରେ ହଜରତ ମସିହ ମଉଦ[ଅସ] ଏହିପରି କହିଥିଲେ, 'ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରିବା ଦୁଇଟି କାର୍ଯ୍ୟ ଉପରେ ନିର୍ଭର କରେ । ପ୍ରଥମତଃ ଅସତ୍ କର୍ମରୁ ନିବୃତ୍ତ ରହିବା ଏବଂ ଦ୍ୱିତୀୟତଃ ସତ୍ କର୍ମ କରିବା । ମଣିଷ ନିଜ କଳା ଦ୍ୱାରା ଉଦ୍ୟମ କରି ମଧ୍ୟ ଖରାପ କାମ ଛାଡି ପାରିବ ନାହିଁ । ଅସଲରେ ଏହି କାର୍ଯ୍ୟ ମନୁଷ୍ୟର ସହଜାତ ପ୍ରବୃତ୍ତି, ଯାହା ସେ ଜନ୍ମ ହେଲାବେଳେ ସଙ୍ଗରେ ନେଇ ଆସିଥାଏ । ଏକ ପକ୍ଷେ ପାପ କର୍ମ କରିବା ପାଇଁ ତାର ମନ ଚହୁଁଥାଏ ତ ଅପର ପକ୍ଷେ ତା'ର ସ୍ୱଭାବରେ ରହିଥାଏ ଈଶ୍ୱରଙ୍କୁ ପ୍ରେମ କରିବାର ଅଦମ୍ୟ ଭାବନା । ଏହି ଅନ୍ତର୍ନିହିତ ଶକ୍ତି ପାପର କାମନାକୁ ଶୁଖିଲା କୁଟା ପରି ଏପରି ଜଳାଇ ଦିଏ, ଯେପରି ବାହ୍ୟକୁ ଦେଖାଯାଉଥିବା ନିଆଁର ଦାଉରେ ଶୁଷ୍କ ଘାସ କୁଟା ଜଳି ପୋଡି ପାଉଁଶ ହୋଇଯାଏ । ମାତ୍ର ପାପକର୍ମକୁ ଦହନ କରୁଥିବା ସେହି ଆଧ୍ୟାତ୍ମିକ ଅଗ୍ନିଶିଖା ଈଶ୍ୱରଙ୍କୁ ଚିହ୍ନିବାର ଜ୍ଞାନ ଉପରେ ପର୍ଯ୍ୟବେସିତ । ଅନ୍ୟ ଅର୍ଥରେ କହିଲେ ଐଶ୍ୱରିକ ଜ୍ଞାନ ଉଦୟ ହେଲେ ପାପ ଦଗ୍ଧୀଭୂତ ହେବ । କାରଣ ପ୍ରତ୍ୟେକ ଜିନିଷ ପ୍ରତି ଆସକ୍ତ ହେବା ଏବଂ ତାକୁ ଭଲ ପାଇବାର ମୋହ ସେ ବିଷୟରେ ମନୁଷ୍ୟର ରହିଥିବା ଜ୍ଞାନ ସହିତ ଜଡିତ । ଯାହାର ସୌନ୍ଦର୍ଯ୍ୟ ଓ ଗୁଣ ବିଷୟରେ ତୁମକୁ ଜଣା ନାହିଁ, ତୁମେ ତାହା ପ୍ରତି ଆସକ୍ତ ହୋଇ ପାରିବ ନାହିଁ । ସୁତରାଂ ମହା ପରାକ୍ରମୀ ଈଶ୍ୱରଙ୍କ କମନୀୟ ଆଭା ଏବଂ ସେହି ଅଦୃଶ୍ୟ ଶକ୍ତି ସମ୍ବନ୍ଧରେ ପ୍ରକୃତ ଧାରଣା ଜନ୍ମିଲେ ହିଁ ମନରେ ତାହାଙ୍କ ପ୍ରତି ପ୍ରେମଭାବ ସୃଷ୍ଟି ହେବ । ବ୍ରହ୍ମଜ୍ଞାନ ପ୍ରାପ୍ତି ହେଲେ ତାଙ୍କର ପରମ ସତ୍ତାକୁ ଉପଲବ୍ଧି କରିହେବ । ସେହି ଐଶ୍ୱରିକ ପ୍ରେମର ବହ୍ନି ପାପର କାଳିମାକୁ ଜାଳି ଦେବ । ବିଧିର ନିୟମରେ ଯେତେବେଳେ ନବିମାନେ ପ୍ରାପ୍ତ କରିଥିବା ଦିବ୍ୟଜ୍ଞାନ ସାଧାରଣ ମନୁଷ୍ୟକୁ ମିଳିଥାଏ, ତାହା ଏକାଧିକ କ୍ରମରେ ଅନ୍ୟମାନଙ୍କୁ ମଧ୍ୟ ଆଲୋକିତ କରିଥାଏ । ଏହି ଜ୍ଞାନମୟ ଜ୍ୟୋତିକୁ ସେମାନେ କେବଳ ଅନୁସରଣ କରି ସବୁ କିଛି ପାଇଯା'ନ୍ତି ।'

ପୁଣି ଦିବ୍ୟଜ୍ଞାନ, ପାପରୁ ମୁକ୍ତି, ସତକର୍ମ କରିବାର ସାମର୍ଥ୍ୟ ଏବଂ ଦୁଆର ମହତ୍ତ୍ୱ ସମ୍ବନ୍ଧରେ ହଜରତ ମସିହ ମଉଦ[ଅସ] କହିଛନ୍ତି, 'ଅସଲ କଥା ହେଉଛି କୌଣସି ବ୍ୟକ୍ତି ପ୍ରକୃତ ଅର୍ଥରେ ସେ ପର୍ଯ୍ୟନ୍ତ ପାପରୁ ବଞ୍ଚିତ ହୋଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ସେ ଭଲ ଭାବରେ ସେ ସମ୍ବନ୍ଧରେ ଜାଣି ନାହିଁ । ସେ ଈଶ୍ୱରଙ୍କ ପ୍ରତି ପ୍ରେମ ଓ ଭକ୍ତିଭାବ ଦେଖାଇ ପାରିବ ନାହିଁ, ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ କରୁଣା ପ୍ରାପ୍ତି ନ ହୋଇଛି । ତାଙ୍କ ମନରେ କେବେ ଈଶ୍ୱରଙ୍କ ଭୟ ସୃଷ୍ଟି ହୋଇ ପାରିବ ନାହିଁ, ଯଦି ଈଶ୍ୱରଙ୍କୁ ଚିହ୍ନିବାର ଶକ୍ତି ତା' ପାଖରେ ନାହିଁ । ଏହା ଅତ୍ୟନ୍ତ ସ୍ପଷ୍ଟ

ଯେ ପ୍ରତ୍ୟେକ ପ୍ରକାର ପ୍ରେମ ଓ ଭୟ ସେ ବିଷୟରେ ସଠିକ ଜ୍ଞାନର ପରିପ୍ରକାଶରୁ ହିଁ ହୋଇଥାଏ । ଦୁନିଆର ସମସ୍ତ ବସ୍ତୁ ଯାହା ପ୍ରତି ମନୁଷ୍ୟ ମନ ବଳାଏ, ତାକୁ ପ୍ରେମ କରୁ ଅବା ଭୟ ଓ ବିଷାଦ ଆସିବା ଯୋଗୁଁ ତାକୁ ବର୍ଜନ କରୁ, ହୃଦୟରେ ଚିହ୍ନିବାର ଜିଜ୍ଞାସା ହେବା ପରେ ହିଁ ଏହି ଅବସ୍ଥା ଉତ୍ପନ୍ନ ହୁଏ । ଅବଶ୍ୟ ଏକଥା ସତ୍ୟ ଯେ ଅଲ୍ଲାଃଙ୍କ କୃପା ଓ ଆଶୀଷ ବିନା ଏପରି ତତ୍ତ୍ୱଜ୍ଞାନ ମିଳିବା ସମ୍ଭବ ନୁହେଁ କି ତହିଁରୁ ଲାଭବାନ ହେବା ସମ୍ଭବ ନୁହେଁ । .....ଏହି ଧାରଣା ମନରେ ଆଣ ନାହିଁ ଯେ ଆମେ ତ ପ୍ରତିଦିନ ଦୁଆ କରୁଛୁ ଏବଂ ଆମେ ନମାଜରେ କରୁଥିବା ଦୁଆ ଅବଶ୍ୟ ପୂରଣ ହେଉଥିବ । କିନ୍ତୁ ସେହି ଦୁଆ ଯାହା ଅଲ୍ଲାଃଙ୍କ ସାନିଧ ପ୍ରାପ୍ତି ପାଇଁ କରାଯାଏ, ଏକ ଭିନ୍ନ ରଂଗରେ ଓ ନିଆରା ସୁଖପ୍ରଦ ଅନୁଭବ ନେଇ ଆସେ । ସେହି ଦୁଆ ଯୋଗୁଁ ମଣିଷ ନିଜର ଅସ୍ତିତ୍ୱ ହରାଇ ବସେ, ତାହା ତତଲା ନିଆଁରେ ଜାଳିପୋଡି ଦେଉଥିବା ରୂପରେ ଦେଖାଦିଏ ଏବଂ ଚୁମ୍ବକୀୟ ଆକର୍ଷଣ ସଦୃଶ ଦୟାକୁ ନିଜ ଆଡକୁ ଟାଣି ଆଣେ । ତାହା ମୃତ୍ୟୁ ହୋଇ ଆସେ ଅଥଚ ଶେଷରେ ନୌକା ହୋଇଯାଏ । ସେହି ବନ୍ୟାର ଜୁଆର ଶେଷରେ ଜୀବନ ରକ୍ଷାକାରୀ ନାବରେ ପରିଣତ ହୋଇଯାଏ । ପ୍ରତ୍ୟେକ ପ୍ରକାର ବିଗିଡି ଯାଇଥିବା କାମକୁ ସଜାଡି ଦିଏ । ପ୍ରତ୍ୟେକ ବିଷକୁ ଅମୃତ କରିଦିଏ । ଏହାକୁ କୁହାଯାଏ 'ମା'ରିଫତ୍' ଅର୍ଥାତ ଗଭୀର ତତ୍ତ୍ୱ ଭିତ୍ତିକ ଜ୍ଞାନ ।'

'ଅନେକ ବ୍ୟକ୍ତି ଅଛନ୍ତି କେବଳ ମୁହଁରେ ଅଲ୍ଲାଃଙ୍କୁ ସ୍ୱୀକାର କରନ୍ତି, କିନ୍ତୁ ମନ ଭିତରେ ନାସ୍ତିକ ଭାବନା ରହିଥାଏ । କାରଣ ସେମାନେ ସାଂସାରିକ କାର୍ଯ୍ୟରେ ଲିପ୍ତ ଥିବାବେଳେ ଈଶ୍ୱରଙ୍କ କୋପ ଏବଂ ଉଦାରତା ଉଭୟକୁ ସଂପୂର୍ଣ୍ଣ ଭାବରେ ପାଶୋରି ଦିଅନ୍ତି । ସେଥିପାଇଁ ଏହା ଅତ୍ୟନ୍ତ ଜରୁରୀ ଯେ ତୁମେମାନେ ଦୁଆ କରି ଅଲ୍ଲାତାଲାଙ୍କୁ ଚିହ୍ନିବାର ଗୁଢ ତତ୍ତ୍ୱକୁ ହାସଲ କର । ତାହା ନ କଲେ ତୁମର ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଅତୁଟ ରହିବ ନାହିଁ । ଯେତେବେଳେ ତୁମେ ଜାଣିବ ଯେ ଅଲ୍ଲାଃଙ୍କ ସହିତ ସଂପର୍କ ଛିନ୍ନ କରିବା ମୃତ୍ୟୁ ସହିତ ସମାନ, ସେତେବେଳେ ଯାଇ ଏହା ହାସଲ କରିପାରିବ । ପାପରୁ ବଞ୍ଚିବା ପାଇଁ ଦୁଆ କରିବା ସହିତ ଯୋଜନା ପ୍ରସ୍ତୁତ କର ଏବଂ ସେହି ସବୁ ଖରାପ ସଭା ସମିତି ପରିତ୍ୟାଗ କର ଯେଉଁଠି ପାପକର୍ମ କରିବା ପାଇଁ ମସୁଧା ଚାଲିଥାଏ ।'

ଈଶ୍ୱରୀୟ ଜ୍ଞାନ ବିନା ପାପରୁ ବଞ୍ଚିବା ସମ୍ଭବ ନୁହେଁ, ଏହି କଥାକୁ ଅଧିକ ପ୍ରାଞ୍ଜଳ କରି ହଜରତ ମସିହ ମଉଦ[ଅସ] କୁହନ୍ତି, 'ଏହା ନିଶ୍ଚିତ ଭାବେ ମନେ ରଖ ଯେ ଯେତେବେଳେ ମନୁଷ୍ୟ ଅଲ୍ଲାଃଙ୍କ ଉପରେ ସଂପୂର୍ଣ୍ଣ ଭାବରେ ବିଶ୍ୱାସ ସ୍ଥାପନ କରିବ, ସେହି ସମୟରେ ହିଁ ସେ ପାପରୁ ରକ୍ଷା ପାଇବାର ସାମର୍ଥ୍ୟ ଲାଭ କରିପାରିବ । ମନୁଷ୍ୟ ଜୀବନର ମୁଖ୍ୟ ଉଦ୍ଦେଶ୍ୟ ପାପର କବଳରୁ ମୁକ୍ତି ପାଇବା । ଗୋଟିଏ ଶୋଭନୀୟ ସାପକୁ ଅଜ୍ଞାନୀ ବାଳୁତ ଧରିବାକୁ ଚେଷ୍ଟା କରିବ, କିନ୍ତୁ ଜଣେ ବୁଦ୍ଧିମାନ ବ୍ୟକ୍ତି ସାପ ତାକୁ ଦଂଶନ କରିବା ଭୟରେ ତା'ପାଖକୁ ଯିବା ପାଇଁ ସାହସ କରିବ ନାହିଁ । ଏପରିକି ଯେଉଁ ଘରେ ସାପ ରହି ଥିବାର ସେ ଜାଣିବ, କଦାପି ସେ ଘରେ ପଶିବ ନାହିଁ । ସେହିପରି ମାରାତ୍ମକ ଜହରକୁ ସେ ଖାଇବାକୁ କଦାପି ଚାହିଁବ ନାହିଁ । ଠିକ ସେହିପରି ପାପ ଏକ ହଳାହଳ ବିଷ ସଦୃଶ ବୋଲି ତାର ବିଶ୍ୱାସ ନ ଆସିବା ପର୍ଯ୍ୟନ୍ତ ସେଥିରୁ ସେ ବଞ୍ଚିପାରିବ ନାହିଁ । ଏହିପରି ବିଶ୍ୱାସ ଜାତ ହେବା ପାଇଁ ତତ୍ତ୍ୱମୂଳକ ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି ।'

ପୁଣି ସେ ଅନ୍ୟତ୍ର କହିଛନ୍ତି: 'ଧର୍ମ ବୃକ୍ଷର ମୂଳ ହେଉଛି ଅଲ୍ଲାଃଙ୍କୁ ଚିହ୍ନିବା ଏବଂ ଐଶ୍ୱରିକ ଉପହାର ସଂବନ୍ଧୀୟ ଜ୍ଞାନ ଅର୍ଜନ କରିବା । ସମୁଚିତ କର୍ମ ହେଉଛି ଏହାର କାଣ୍ଡ । ଉତ୍ତମ ଚରିତ୍ର ଏହାର ଫୁଲ ଏବଂ ଆଧ୍ୟାତ୍ମିକତାରେ ସମୃଦ୍ଧି ଲାଭ କରିବା ଏହାର ଫଳ ସଦୃଶ । ଏହି ଫଳରୁ ଉପକୃତ ହୋଇ ମନୁଷ୍ୟର ଆତ୍ମା ଶୁଦ୍ଧ ହୁଏ ଏବଂ ମନ ପବିତ୍ରତାରେ ପରିପୂର୍ଣ୍ଣ ହୁଏ । ସେହି ଫଳ ସେବନ ଦ୍ୱାରା ଐଶ୍ୱରିକ ପ୍ରେମର ସୂକ୍ଷ୍ମ ଅନୁଭବ ପ୍ରାପ୍ତି ହୁଏ, ଯାହା ପାଳନକର୍ତ୍ତା ଏବଂ ତାହାଙ୍କ ପରମ ଭକ୍ତଙ୍କ ମଧ୍ୟରେ ସ୍ଥାପିତ ହୋଇଯାଏ' ।

'ଅଲ୍ଲାଃଙ୍କୁ ଚିହ୍ନିବାର ଗଭୀର ତତ୍ତ୍ୱକୁ ଜାଣିପାରିଲେ ସେହି ପ୍ରେମରେ ପୂର୍ଣ୍ଣତା ଆସେ । ଦିବ୍ୟଜ୍ଞାନ ବଳରେ ଈଶ୍ୱର ପ୍ରେମ ଉଛୁଳି ଉଠେ । ଏହି ଉଛୁଳା ପ୍ରେମର ବନ୍ୟା ପ୍ରଥମ ଦିନର ନଦୀ ହୋଇ ପ୍ରବାହିତ ହୁଏ । ସେହି ସ୍ୱର୍ଗୀୟ ପ୍ରେମର ପ୍ରବାହ ନୂଆ ଦୁନିଆର ପ୍ରଥମ ଶୁଭବେଳା ହୋଇ ପ୍ରକାଶମାନ ହୋଇଥାଏ ।'

ପୁଣି ସେ କହନ୍ତି: 'ପରମେଶ୍ୱର ଏକ ମୋତି ସଦୃଶ ମୂଲ୍ୟବାନ ରତ୍ନ । ତାଙ୍କୁ ଚିହ୍ନିଗଲା ପରେ ମନୁଷ୍ୟ ପାର୍ଥିବ ବସ୍ତୁକୁ ଏପରି ଘୃଣା ଦୃଷ୍ଟିରେ ଦେଖେ, ଯାହାକୁ ସେ କଦାପି ପସନ୍ଦ କରିବ ନାହିଁ । ଏପରି ତୁଚ୍ଛ ମଣିବ ଯେ ସେ ତହା ପ୍ରତି ଲୋଭାସକ୍ତ ହେବ ନାହିଁ । ଏହିପରି ଏକ ଦୃଢ ଭାବନା ମନରେ ଆସିବା ଜରୁରି । ସୁତରାଂ ତୁମେମାନେ ଈଶ୍ୱରୀୟ ଜ୍ଞାନ ଅର୍ଜନ କର ଏବଂ ତାହାଙ୍କ ଆଡକୁ ପାଦ ବଢାଅ, ତହିଁରେ ସଫଳତା ନିହିତ ଅଛି ।'

ସେ କହନ୍ତି, 'ମୁଁ ନିରାଟ ସତ କହୁଛି, ମନୁଷ୍ୟର ଈଶ୍ୱର ଭୟ, ଈଶ୍ୱର ଉପାସନା ଏବଂ ପବିତ୍ର ଭାବନା, ସବୁକିଛି ସ୍ୱର୍ଗରୁ ଆସେ । ଏହା ଅଲ୍ଲାଃଙ୍କ କରୁଣା ଉପରେ ପର୍ଯ୍ୟବେସିତ । ସେ ଚାହିଁଲେ ଏହା ତିଷ୍ଠି ରହିବ ଏବଂ ସେ ଚାହିଁଲେ ଏହା ତୁମ ନିକଟରୁ ଦୂର ହୋଇଯିବ । ତେଣୁ ପ୍ରକୃତ ଜ୍ଞାନ ହେଉଛି, ମନୁଷ୍ୟ ଏକ ହୀନମନ୍ୟ ପ୍ରାଣୀ ଏବଂ ମୂଲ୍ୟହୀନ ବସ୍ତୁ ବୋଲି ନିଜକୁ ଭାବୁ । ପୁଣି ସେ ଅଲ୍ଲାଃଙ୍କ ଛାମୁରେ ବିନମ୍ରତାର ସହିତ ପ୍ରଣିପାତ କରି ତାହାଙ୍କ ଅନୁକମ୍ପା ଓ ଆଶୀର୍ବାଦ ଭିକ୍ଷା କରୁ । ତାଙ୍କଠାରେ ଦିବ୍ୟ ଜ୍ଞାନର ଜ୍ୟୋତିକୁ ସନ୍ଧାନ କରୁ, ଯାହା ମନୁଷ୍ୟର ସମସ୍ତ କାମନା ଓ ବାସନାକୁ ଜଳାଇ ଦେବ ଏବଂ ଏହି ଜ୍ଞାନାଲୋକ ତାକୁ ସତକର୍ମ କରିବା ପାଇଁ ପ୍ରେରଣା ଯୋଗାଇବ । ତାହାଙ୍କ କରୁଣାରୁ କିଞ୍ଚିତ ଅଂଶ ଯଦି ମିଳିଯାଏ ଏବଂ ତା'ର ହୃଦୟ ପ୍ରଶସ୍ତ ଓ ବଦାନ୍ୟତାରେ ଯେତେବେଳେ ପରିପୂର୍ଣ୍ଣ ହୋଇଯାଏ, ସେଥିପାଇଁ ସେ ଗର୍ବ ନ କରୁ କିମ୍ବା ଆତ୍ମ ବଡିମା ନ ଦେଖାଉ । ବରଂ ତା'ଠାରେ ଅଲ୍ଲାଃଙ୍କ ଭୟ ରହୁ ଏବଂ ବିନୟ ପଣରେ ଉନ୍ନତି ପରିଲକ୍ଷିତ ହେଉ । ସେ ଯେତିକି ନିଜକୁ ହେୟ ଜ୍ଞାନ କରିବ, ସେତିକି ପରିମାଣରେ ସ୍ୱର୍ଗୀୟ ଜ୍ୟୋତି ତା' ହୃଦୟରେ ସଂଚରିତ ହେବ, ଯାହା ତା'ର ଇଚ୍ଛା ଶକ୍ତିକୁ ଆଲୋକିତ କରିବ । ଏହି ଭଳି ମନୋବୃତ୍ତି ଆପଣେଇଲେ ଏହା ଆଶା କରାଯାଇପାରେ ଯେ ଈଶ୍ୱରଙ୍କ କୃପାରୁ ତା'ର ଚାରିତ୍ରିକ ଅବସ୍ଥା ଅଧିକ ଉତ୍କୃଷ୍ଟ ଭାବେ ସୁଧୁରି ଯିବ । ଦୁନିଆରେ ମନୁଷ୍ୟ ଆପଣାକୁ କିଛି ବୋଲି ଭାବିବା ମଧ୍ୟ ଅହଙ୍କାର ବୋଲି ବିବେଚନା କରାଯାଏ ।'

ପରିଶେଷରେ ହଜୁରଅବ କହିଲେ, ଏହି ଉଦ୍ଦେଶ୍ୟ ନେଇ ହଜରତ ମସିହ ମଉଦଅସ ଆବିର୍ଭୁତ ହୋଇଥିଲେ । ଯଦ୍ଦ୍ୱାରା ଏହି ତତ୍ତ୍ୱକୁ ବୁଝିବା ଏବଂ ଈଶ୍ୱରୀୟ ଜ୍ଞାନ ଆହରଣ କରିବା ଆମ ପକ୍ଷେ ସମ୍ଭବ ହେବ । ମନରେ ଏହି ଧାରଣା ସ୍ପଷ୍ଟ ହେଉ ଯେ ସତେ ଯେପରି ଆମେ ଅଲ୍ଲାଃଙ୍କୁ ସାକ୍ଷାତରେ ଦେଖୁଛୁ ଏବଂ ନିଜର ପ୍ରତ୍ୟେକ କର୍ମ ତାଙ୍କରି ପ୍ରେମ ଏବଂ ଭୟକୁ ସାମନାରେ ରଖି ସଂପାଦନ କରୁଛୁ । ଏପରି ଐଶ୍ୱରିକ ଦିବ୍ୟ ଜ୍ଞାନ ଆମ ଭିତରେ ସଂଚରିତ ହେଉ, ଯାହା ଆମର ସମସ୍ତ ପାପକୁ ଜଳାଇ ଭସ୍ମ କରିଦେବ ଏବଂ ଆମେ ତାହାଙ୍କ ମହତ ଅଭିଳାଷକୁ ପୂରଣ କରିବାରେ ସକ୍ଷମ ହୋଇ ପାରିବୁ । ତତ୍‌ସହିତ ତାଙ୍କ ଆଗମନର ଉଦ୍ଦେଶ୍ୟ ମଧ୍ୟ ସାଧିତ ହୋଇପାରିବ । ଅଲ୍ଲାଃତାଲା ଏ ସମସ୍ତ ବିଷୟର ମର୍ମକୁ ବୁଝିବା ଏବଂ ଏହା ଉପରେ ଅମଲ କରିବା ପାଇଁ ଆମ୍ଭମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

*ସୌଜନ୍ୟ:* **ନେଜାରତ୍ ନଶ୍‌ରୋ ଇଶାଅତ୍, କାଦିୟାନ, ପଞ୍ଜାବ**

*ଓଡିଆରେ ଉପସ୍ଥାପନା :* **ଅହମଦୀୟା ସମୀକ୍ଷା କମିଟି, ଓଡିଶା**